# ସମାଜ
# ତାରିଖ: ୧୨.୦୩.୨୦୧୮

## ବି.ଆଇ.ଆଇ.ଟି.ଏମ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର : ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜର ବାର୍ଷିକ ଉତ୍ସବ ଜସନ୍-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ୱ୍ୱାଲେଟ୍ ଫର୍ ୱେଲଥ୍‌ର ଏମ୍.ଡି. ତ୍ରିନାଥ ଲେଙ୍କା ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ମାର୍ଗଦର୍ଶନ କରାଇବା ସହ ଅନୁଷ୍ଠାନର ଅଗ୍ରଗତିକୁ ପ୍ରଶଂସା କରିଥିଲେ। ୟୁରୋଲିଙ୍କ ଲିମିଟେଡ୍‌ର ନିର୍ଦ୍ଦେଶକ ଇଂ ସଞ୍ଜୟ ଚୌଧୁରୀ ଛାତ୍ରଛାତ୍ରୀଙ୍କୁ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ପୂର୍ବକ ଏହାକୁ ହାସଲ କରିବା ପାଇଁ ନିଷ୍ଠା ଓ ପରିଶ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ପ୍ରଫେସର ପି.କେ. ତ୍ରିପାଠୀ ସ୍ୱାଗତ ଭାଷଣ ଦେବାସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର (ଇଂ) ପି.ଆର. ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ସଫଳ ଭବିଷ୍ୟତ କାମନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।